## ସଂକ୍ଷେପରେ

### ମେକା ପଞ୍ଚାୟତରେ ଗ୍ରାମସଭା

ମାଥିଲି,୨୫।୩(ଡି.ଏନ୍.ଏ.)-ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ମେକା ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ରଞ୍ଜିତା ପୂଜାରୀ ସଭାପତିତ୍ୱ କରିଥିଲେ। ପିଇଓ ଭୋଳାନାଥ ବିଶ୍ୱାସ, ସମିତିସଭ୍ୟ ମୁକ୍ତା ପୂଜାରୀ, ଆଇସିଡିସି ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଗ୍ରାମସଭାରେ ୧୪ ଗ୍ରାମର ଲୋକେ ଉପସ୍ଥିତ ରହି ନିଜ ଅଞ୍ଚଳର ବିଭିନ୍ନ ଅଭାବ ଅସୁବିଧା ଓ ସମସ୍ୟା ସମ୍ପର୍କରେ ଗ୍ରାମସଭାରେ ଆଲୋଚନା କରିଥିଲେ। ସମସ୍ୟାଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପିଇଓ ବିଶ୍ୱାସ ପ୍ରତିଶ୍ରୁତି ଦେଇଥିଲେ।

### ମେଡିକାଲ କଲେଜରୁ ତମ୍ବାତାର ଚୋରିକରି ଜଣେ ଗିରଫ

କୋରାପୁଟ,୨୫।୩(ସ୍ୱ.ପ୍ର.)-କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିସରରୁ ତମ୍ବାତାର ଓ ତମ୍ବା ପ୍ଲେଟ୍ ଚୋରି ଘଟଣାରେ ଟାଉନ ଥାନା ପୋଲିସ ଶନିବାର ଜଣକୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଢେପସାହିର ଜଗନ୍ନାଥ ମୁଦୁଲି। ମେଡିକାଲ କଲେଜର ଉପର ମହଲାରୁ ତମ୍ବାତାର ଓ ତମ୍ବା ପ୍ଲେଟ୍ ଚୋରି ହୋଇଥିବା ନେଇ ମେଡିକାଲ କର୍ତ୍ତୃପକ୍ଷ ବୁଧବାର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ୭୫/୨୩ରେ ମାମଲା ରୁଜୁହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାରେ ଜଗନ୍ନାଥ ସାମିଲ ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ଏଥିରେ ଅନ୍ୟ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପଟ୍ଟନାୟକ କହିଛନ୍ତି।

### କୋରାପୁଟ ଗାନ୍ଧୀ ଉଦ୍ୟାନକୁ ଅବହେଳା



କୋରାପୁଟ,୨୫।୩(ସ୍ୱ.ପ୍ର.)-କୋରାପୁଟସ୍ଥିତ ମହାତ୍ମା ଗାନ୍ଧୀ ଗାନ୍ଧୀ ଉଦ୍ୟାନକୁ ମିଳୁନି ଉପଯୁକ୍ତ ସମ୍ମାନ। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଏବଂ ତିରୋଧାନ ଦିବସରେ କେବଳ ଏହି ଉଦ୍ୟାନ ଖୋଲାଯାଉଥିବା ଦେଖିବାକୁ ମିଳୁଛି। ୨୦୦୧ରେ ସହରବାସୀଙ୍କ ମନୋରଞ୍ଜନ ପାଇଁ ସହର ମଧ୍ୟରେ ଏହି ଉଦ୍ୟାନ ନିର୍ମିତ ହୋଇଥିଲା। ତେବେ ଦିନକୁ ଦିନ ସହର ବଢ଼ିବାରେ ଲାଗିଛି। ବସ୍‌ଷ୍ଟାଣ୍ଡରେ ଭିଡ଼ ବଢୁଛି। ଏହି ଭିଡ଼ରେ ଗାନ୍ଧୀ ଉଦ୍ୟାନ ଲୁଚି ଗଲାଭଳି ମନେହେଉଛି। ଜାତିର ପିତାଙ୍କ ନାମରେ ନିର୍ମିତ ଏହି ଉଦ୍ୟାନକୁ ଏପରି ଅବହେଳାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ଏହି ଉଦ୍ୟାନର ଉପଯୁକ୍ତ ରକ୍ଷଣାବେକ୍ଷଣ ଲାଗି ସହରବାସୀଙ୍କ ପକ୍ଷରୁ ଆଇନଜୀବୀ କାମାକ୍ଷାପ୍ରସାଦ ମାଝି ଏବଂ ସଞ୍ଜୟ ଝା ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଓଡ଼ିଆ ଲେଖକ ପାଠକ ସମ୍ମିଳନୀ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ନନ୍ଦପୁର, ୨୫।୩ (ଡି.ଏନ୍.ଏ.)-ନନ୍ଦପୁର ବ୍ଲକସ୍ଥିତ ଓଡ଼ିଆ ଲେଖକ ପାଠକ ସମ୍ମିଳନୀ ପକ୍ଷରୁ ଅଞ୍ଚଳର ୨ଜଣଙ୍କୁ ସମ୍ମାନିତ କରାଯାଇଛି। ଜଣେ ହେଲେ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା ଓ ୧୦୮ ଚାଳକ ଶକ୍ତି ପ୍ରସାଦ ମହାନ୍ତି। ସାହିତ୍ୟିକ କୃଷ୍ଣ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବକୁ ବରିଷ୍ଠ କବି ହରପ୍ରସାଦ ଦାସ ଉଦ୍‌ଘାଟକ ରୂପେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଡ. ଚକ୍ରଧର ତ୍ରିପାଠୀ, ମୁଖ୍ୟବକ୍ତା ଗାଳ୍ପିକ କୃପାସାଗର ସାହୁ, ବିଧାୟକ ରଘୁରାମ ପଡ଼ାଲ, ନାଲ୍‌କୋ ନିର୍ଦ୍ଦେଶକ ସୁଶୀଲ ପାଢ଼ୀ, ହାଲ୍ ମହାପ୍ରବନ୍ଧକ ଶିଶିର ମିଶ୍ର, କବି ନିରାକାର ଦାସ ଓ ଲକ୍ଷ୍ମୀକାନ୍ତ ପାଢ଼ୀ ଉପସ୍ଥିତ ଥିଲେ। ଅଧ୍ୟାପିକା ଝାନ୍‌ସୀ ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ବୁଧବାର ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୬ଜଣ ୧୦୮ ଚାଳକ ଓ ୬ ଜଣ ଫାର୍ମାସିଷ୍ଟଙ୍କୁ 'ରିଏଲ ହିରୋ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜ୍ୟ ସ୍ତରରେ ପୁରସ୍କୃତ ହୋଇ ଫେରିବା ପରେ ୧୦୮ ଚାଳକ ଶକ୍ତିପ୍ରସାଦ ମହାନ୍ତିଙ୍କୁ ନନ୍ଦପୁର ପ୍ରେସ୍ କ୍ଲବ, ନନ୍ଦପୁର ଡ୍ରାଇଭର ସଂଘ, ନନ୍ଦପୁର ବଣିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୋରାପୁଟରେ ପ୍ରଭାତ, ଜୟପୁରରେ ବୀରେଶ ସଭାପତି

କୋରାପୁଟ/ଜୟପୁର, ୨୫।୩(ସ୍ୱ.ପ୍ର./ନି.ପ୍ର.)

ରାଜ୍ୟର ବିଭିନ୍ନ ସ୍ଥାନରେ ଶନିବାର ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। କୋରାପୁଟରେ ଓକିଲ ସଂଘ ସଭାପତି ଭାବେ ପ୍ରଭାତ ମହାପାତ୍ର ନିର୍ବାଚିତ ହୋଇଥିବା ବେଳେ ଜୟପୁରରେ ବୀରେଶ ପଟ୍ଟନାୟକ ସଭାପତି ହୋଇଛନ୍ତି। କୋରାପୁଟରେ ସୁନିଲ ଜେନା ସମ୍ପାଦକ ରୂପେ ନିର୍ବାଚିତ ହୋଇଥିବା ବେଳେ ଜୟପୁରରେ ଶରତ ମାଝୀ ସମ୍ପାଦକ ହୋଇଛନ୍ତି। କୋରାପୁଟରେ ଓକିଲ ସଂଘ ଉପସଭାପତି ଭାବେ ଉତ୍ତମ ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୟ ଝା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଲାଗି ୨୦୩ ସଦସ୍ୟ ଭୋଟ ଦେଇଥିଲେ। ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କଂଗ୍ରେସ ନେତା କୃଷ୍ଣ କୁଲଦୀପଙ୍କ ସମେତ ଓକିଲ ସଂଘର ସମସ୍ତ ସଦସ୍ୟ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓକିଲ ସଂଘର ରହିଥିବା ବିଭିନ୍ନ ସମସ୍ୟା ଆଗାମୀ ଦିନରେ ସମାଧାନ କରିବେ ବୋଲି ନିର୍ବାଚିତ ସଭାପତି ମହାପାତ୍ର କହିଛନ୍ତି। ଆଇନଜୀବୀ କୁଳମଣି ଦାସ, ନିତ୍ୟାନନ୍ଦ ମହାନ୍ତି, ସୁଜାତା ନାୟକ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଜୟପୁରସ୍ଥିତ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଶନିବାର ସକାଳ ୮ଟାରୁ ଅପରାହ୍ଣ



କୋରାପୁଟ ଓ ଜୟପୁରରେ ଓକିଲ ସଂଘର ନିର୍ବାଚିତ ନୂଆ କର୍ମକର୍ତ୍ତା ।

**ଜିଲା ଓକିଲ ସଂଘର ନିର୍ବାଚନ**

୩ଟା ଯାଏ ମତଦାନ ହୋଇଥିଲା। ୩ଟି ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଏଥିସହ କୋଷାଧ୍ୟକ୍ଷ ରୂପେ ଗିରିଧର ଖରା, ଯୁଗ୍ମ ସମ୍ପାଦକ ଭାବେ ପି.ସନ୍ୟାସୀ ରାଓ, ସହ ସମ୍ପାଦକ ରୂପେ ରାଜେନ୍ଦ୍ର ମାଦଳା, ଲାଇବ୍ରେରି ସମ୍ପାଦକ ରୂପେ ସୁରେଶ ହଡପ, ସହ ଲାଇବ୍ରେରି ସମ୍ପାଦକ ରୂପେ ଶ୍ରୀଚନ୍ଦନ ନୟକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରତ୍ୟୁଷ ପଟ୍ଟନାୟକ, ଶିବାନନ୍ଦ ମିଶ୍ର, ପ୍ରଫୁଲ୍ଲ ଦାଶ, ସନ୍ତୋଷ ସାମଲ, ପୁଷ୍ପାଞ୍ଜଳି ସାହୁ, ଧର୍ମେନ୍ଦ୍ର ଜେନା ନିର୍ଦ୍ୱନ୍ଦ୍ୱରେ ନିବାଚିତ ହୋଇଥିବା ନିବାଚନ ଅଧିକାରୀ ଶଶାନନ୍ଦ ମିଶ୍ର କହିଛନ୍ତି ।

# ୨ ଶିକ୍ଷାନୁଷ୍ଠାନ, ଗଣେଶ ମନ୍ଦିରର ବିକାଶ ହେବ

ନନ୍ଦପୁର,୨୫।୩ (ଡି.ଏନ୍.ଏ.)

ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓ ସୁଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ନନ୍ଦପୁରର ୨ ଶିକ୍ଷାନୁଷ୍ଠାନ ଓ ଗଣେଶ ମନ୍ଦିରର ବିକାଶ ଲାଗି ମିଳିଥିବା ଅନୁଦାନ ବିନିଯୋଗ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୫୦ ଲକ୍ଷ ଓ ଶିନ୍ଧେଦେବୀ ଡିଗ୍ରୀ ମହାବିଦ୍ୟାଳୟକୁ ୭୫ ଲକ୍ଷ ଏବଂ ଐତିହାସିକ ଗଣେଶ ମନ୍ଦିରର ବିକାଶ ଲାଗି ୧୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ବୈଠକରେ ୨ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ +୩ ଅଧ୍ୟକ୍ଷ ଅମର ମହାପାତ୍ର ଏବଂ +୨ ଅଧ୍ୟକ୍ଷା ବୈଜୟନ୍ତୀ ସାମଲ, ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା, ନନ୍ଦପୁର ସରପଞ୍ଚ ସାଜେନ୍ତି କିର୍ଷାନି, ସମିତିସଭ୍ୟ ବିନୋଦିନୀ ସମାର୍ଡି, ବିଧାୟକ ପ୍ରତିନିଧି ଗୋପାଳକୃଷ୍ଣ ବେବର୍ତ୍ତା, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ପୂର୍ବତନ ସରପଞ୍ଚ ଜଗନ୍ନାଥ

**ମିଳିଥିବା ଅନୁଦାନ ଖର୍ଚ୍ଚ ନେଇ ବୈଠକ**

ପାଙ୍ଗୀ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଯଶକେତନ ବେହେରା, ଜିପିଓ ବେଦାନ୍ତ ମାଝି, ପିଇଓ ବାପି ସ୍ମିଥ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ,ଦିବାକର ହିଆଲ ପ୍ରମୁଖ ଉପସ୍ଥିତ ରହି ମିଳିଥିବା ଅନୁଦାନର ଖର୍ଚ୍ଚ ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ନିଜ ନିଜର ଆବଶ୍ୟକତା ସମ୍ପର୍କରେ ବିଡିଓ ମିଶ୍ରଙ୍କୁ ଅବଗତ କରାଇଥିଲେ। ଗଣେଶ ମନ୍ଦିର ପରିସରର ଉନ୍ନତି ସହ ଆର୍‌ଡି ରୋଡ୍‌ଠାରୁ ଗଣେଶ ମନ୍ଦିର ରାସ୍ତା ନିର୍ମାଣ ଲାଗି ଉପସ୍ଥିତ ଜନ ପ୍ରତିନିଧିମାନେ ବିଡିଓଙ୍କୁ ପ୍ରସ୍ତାବ ଦେଇଥିଲେ। ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବେ ବୋଲି ବିଡିଓ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ।

# ଲ୍ୟାମ୍ପ୍ସ ପକ୍ଷରୁ କୃଷି ଋଣମେଳା



ଋଣମେଳାରେ ଉପସ୍ଥିତ ଅତିଥି ଓ ଅଧିକାରୀ।

ମାଥିଲି,୨୫।୩(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକରେ ଲ୍ୟାମ୍ପ୍ସ ପକ୍ଷରୁ ଏକ କୃଷି ଋଣମେଳା ଅନୁଷ୍ଠିତ ହୋଇଯାଇଛି। ମାଥିଲି କେସିସି ବ୍ୟାଙ୍କ ଶାଖା ପରିଚାଳକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ମେଳାରେ ମୁଖ୍ୟ ଅତିଥି ଭାବେ ସହକାରୀ ନିବନ୍ଧକ ପ୍ରିୟବ୍ରତ ନାୟକ, ସମ୍ମାନିତ ଅତିଥି ରୂପେ ପି. ରାମେଶ୍ୱର ରାଓ, ରାମ ଅନୁଗୁଳିଆ, ସରପଞ୍ଚ ମଧୁସୂଦନ ନାୟକ, ଚାଉଲମେନ୍ଦି ସରପଞ୍ଚ ଜଳନ୍ଧର ନାୟକ, ମେକା ସରପଞ୍ଚ ରୁକୁମଣି ପୂଜାରୀ, କେସିସି ବ୍ୟାଙ୍କ ସୁପରଭାଇଜର ଶ୍ୟାମସୁନ୍ଦର ପଟ୍ଟନାୟକ, ଲ୍ୟାମ୍ପ୍ସ ଏମ୍‌ଡି

**୫୦ ଚାଷୀ ପାଇଲେ ରବି ଚାଷ ଋଣ ସହାୟତା**

ସନ୍ତୋଷିନୀ ପରିଡ଼ା, ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ଖୁଡୁପିଆ ଓ ସୁଦର୍ଶନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୫୦ ଜଣ ଚାଷୀଙ୍କୁ ରବିଚାଷ ପାଇଁ ଋଣ ପ୍ରଦାନ କରାଯାଇଥିଲା। ମେଳାକୁ ମାଥିଲି ଶାଖା ପରିଚାଳକ ବିଦ୍ୟାଧର ପ୍ରଧାନ ପରିଚାଳନା କରିଥିଲେ। ସନ୍ତୋଷ ପଟ୍ଟନାୟକ, ସତ୍ୟ ପଣ୍ଡା, ଶ୍ରୀଧର ପଣ୍ଡା, ଅନନ୍ତରାମ ବିଷୋୟୀ, ପ୍ରଶାନ୍ତ ନାୟକ, ଧନୁର୍ଜୟ ଭୂମିଆ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଘଟଣାଗ୍ରସ୍ତ ୨ ଆହତଙ୍କୁ ଡାକ୍ତରଖାନା ନେଲେ ତହସିଲଦାର

ନନ୍ଦପୁର,୨୫।୩ (ଡି.ଏନ୍.ଏ.)

ଦୁର୍ଘଟଣାର ଶିକାର ହୋଇ ଶୁକ୍ରବାର ରାତି ୧୦ଟାରେ ଏମ୍‌ଡିଆର୍-୫୫ ରାସ୍ତାର ସାତସମିଳି ନିକଟରେ ଯନ୍ତ୍ରଣାରେ ଛଟପଟ ହେଉଥିବା ୨ ବ୍ୟକ୍ତିଙ୍କୁ ନନ୍ଦପୁର ତହସିଲଦାର ନରସିଂହ ଗାଦବା ନିଜ ଗାଡ଼ିରେ ଆଣି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେ ସମୟରେ ଗାଦବା ସେହି ରାସ୍ତାରେ ପାଡୁଆରୁ ଆସୁଥିଲେ। ଉପସ୍ଥିତ ଡାକ୍ତର ପ୍ରଶାନ୍ତ ମଲିକ ତୁରନ୍ତ ଉଭୟଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଆହତ ୨ ବ୍ୟକ୍ତି ହେଲେ ବାଇକ୍ ଚାଳକ ବାସୁ କିରଣ ଓ ସହଯାତ୍ରୀ ଡମ୍ବୁରୁ କୋଟିଆ। ଉଭୟଙ୍କୁ କୌଣସି ଗାଡ଼ି ଧକ୍କାଦେଇ ଚାଲିଯାଇଥିବା ସନ୍ଦେହ କରାଯାଉଛି। ତହସିଲଦାରଙ୍କ ଏପରି ମାନବିକତାକୁ ସାଧାରଣରେ ପ୍ରଶଂସା କରାଯାଇଛି। ବାସୁଙ୍କ ବାପା ଜି. ସତ୍ୟନାରାୟଣ ଏବଂ ମାମୁ ଜି. ମହେଶ ତହସିଲଦାର ଗାଦବାଙ୍କୁ କୃତଜ୍ଞତା ଜଣାଇଛନ୍ତି।



ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ୨ ଆହତ ବ୍ୟକ୍ତି।

### ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ, ପୂର୍ବତନ ଜିଲା ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



ନନ୍ଦପୁର,୨୫।୩ (ଡି.ଏନ୍.ଏ.)

ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ କମିଟି ତରଫରୁ ପୂର୍ବତନ ଛାତ୍ରୀଛାତ୍ର ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମିଶ୍ର ଓ କୋରାପୁଟ ଜିଲା ପୂର୍ବତନ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ମିଶ୍ରଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଦମ୍ପତିଙ୍କ ସମେତ ବ୍ଲକ ଶିକ୍ଷାଧିକାରୀ ଦଇତାରି ଦାସ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀ, ଅବସରପ୍ରାପ୍ତ ଶିକ୍ଷକ କିଶୋର ପଣ୍ଡା, ବି.ନାରାୟଣ ରାଜୁ, ବୁଲୁ ବାହାଦୁର ମଲିକ, ଜାନି ଜାନେଶ୍ୱର ରାଓ, ତୁଷାରକାନ୍ତ ମହାନ୍ତି, ସାମୁଏଲ ଦଳପତି, ଲୋକନାଥ ଚୌଧୁରୀ, ରମେଶ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନୟନମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି କାଉନସିଲର ଅନିତା

ଜୟପୁର, ୨୫।୩ (ନି.ପ୍ର.)

ଗୋପବନ୍ଧୁନଗର ଓ ଓଡିଆ ମେଦ୍ରୀ ସାହିକୁ ନେଇ ଗଠିତ ଜୟପୁର ପୌରାଞ୍ଚଳର ୯ ନମ୍ବର ଓାର୍ଡ। ଲୋକସଂଖ୍ୟା ରହିଛି ପ୍ରାୟ ୧୫ ଶହ। ଉକ୍ତ ଦୁଇସାହିରେ ଲୋକଙ୍କୁ ସଚେତନ କରିବା ସହ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି କାଉନସିଲର ଅନିତା କୁମାରୀ ରାୟ । ଉକ୍ତ ଅଞ୍ଚଳରେ ଆଦର୍ଶ ଗୋଷ୍ଠୀ ଶୌଚାଳୟ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥଳର ବିକାଶ ସହ ସେ ଜୟପୁରର ପ୍ରଥମ ବିଧାୟକ ଲଇଛନ ନାୟକଙ୍କ ପ୍ରତିମୂର୍ତ୍ତି ସ୍ଥଳର ପାରିପାର୍ଶ୍ୱିକ ସ୍ଥାନର ବିକାଶ କରିଛନ୍ତି। ମୋ ଟଏଲେଟ କାର୍ଯ୍ୟ, ରାସ୍ତା, ଡ୍ରେନ ଆଦି କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କ କାର୍ଯ୍ୟକୁ ଉଭୟ ସାହିବାସିନ୍ଦା ପ୍ରଶଂସା କରିଛନ୍ତି । ଓଡିଆ ମେଦ୍ରୀ ସାହିରେ ଥିବା ବସ୍ତି ଅଞ୍ଚଳକୁ ବିଜୁ ଆଦର୍ଶ ନଗର କରିବାକୁ ସେ ଉଦ୍ୟମ ଜାରି ରଖିଥିବା ସେ ସୂଚନା ଦେଇଛନ୍ତି। ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ସହ ଅଞ୍ଚଳର ବିକାଶ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ଅନିତା। ଏସବୁ କାର୍ଯ୍ୟ ପାଇଁ ସେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାହିବାସିନ୍ଦାଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି।



ଅନିତାଙ୍କ ତତ୍ତ୍ୱାବଧାନରେ ନିର୍ମିତ ହୋଇଥିବା ଆଦର୍ଶ ଗୋଷ୍ଠୀ ଶୌଚାଳୟ।

### ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୨୫।୩ (ନି.ପ୍ର.)

ଜଣେ ଫେରାର ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ପାତ୍ରପୁଟର ବନମାଳୀ ନାୟକ (୩୮) । ତାଙ୍କ ନାମରେ ୨୦୧୮ରୁ ଏକ ଆପରାଧିକ ମାମଲା ରହିଥିଲା। ସେବେଠାରୁ ସେ ଫେରାର ଥିଲେ। ସେ ପାତ୍ରପୁଟରେ ଥିବା ସୂଚନା ପାଇ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତଣ୍ଡି କହିଛନ୍ତି ।

# ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୨୫।୩ (ନି.ପ୍ର.)

ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ମାଲକାନଗିରିର ରତନ ମାଢୀ (୨୪) ଓ କବିନ୍ଦ୍ର ଖରା (୨୭)। ରତନ ପାତ୍ରପୁଟ ଛକରେ ଗଞ୍ଜେଇ ଚାଲାଣ ଲାଗି ବସକୁ ଅପେକ୍ଷା କରିଥିବା ସୂଚନା ପାଇ ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ତାଙ୍କୁ ଧରିଥିଲେ। ରତନଙ୍କଠାରୁ ୧୨ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସେହିପରି କବିନ୍ଦ୍ର ଗଞ୍ଜେଇ ଧରି ବାମୁଣି ଗାଁ ଫରେଷ୍ଟ ଗେଟ୍ ନିକଟରେ ବସ୍‌କୁ ଅପେକ୍ଷା କରିଥିବା ସୂଚନା ପାଇ କର୍ମଚାରୀମାନେ ମଧ୍ୟ ସେଠାରେ ଚଢାଉ କରି ତାଙ୍କୁ ଧରିଥିଲେ। କବିନ୍ଦ୍ରଙ୍କଠାରୁ ୧୫ କେଜି ଗଞ୍ଜେଇ ଜବତ ହୋଇଛି। ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି ।



ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ ।

# ୧୨୧୨ ଶ୍ରମିକ ପରିବାର ପାଇଛନ୍ତି ଶହେ ଦିନର କାର୍ଯ୍ୟ

କୋରୁକୋଣ୍ଡା, ୨୫।୩(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ୧।୪।୨୦୨୨ରୁ ୩୦।୯।୨୦୨୨ ପର୍ଯ୍ୟନ୍ତ ପଞ୍ଚାୟତ ସମିତି ଅଧୀନରେ ଥିବା ୧୨ଟି ପଞ୍ଚାୟତରେ ହୋଇଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଆସିଥିବା ଅଭିଯୋଗଗୁଡିକର

**ବ୍ଲକସ୍ତରୀୟ ଜନଶୁଣାଣି**

ତ୍ୱରିତ ସମାଧାନ କରିବାକୁ ଉପସ୍ଥିତ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଜନଶୁଣାଣିରେ ୬୧୨ କାର୍ଯ୍ୟଦିବସ ରହିଥିବା ବେଳେ ୧୨୧୨ ଶ୍ରମିକ ପରିବାର ଶହେ ଦିନ କାର୍ଯ୍ୟ ପାଇଥିବା କୁହାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା କାର୍ଯ୍ୟରୁ ୫୭ଟି କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ଆସିଥିଲା। ୧୪୦ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ପାଇଥିବା ବାସଗୃହରେ ଝରକା କବାଟ ନ ଥିବା ଅଭିଯୋଗ ଆସିଥିଲା। ଏମ୍‌ଏନ୍‌ଆର୍‌ଇଜିଏସ୍‌ରେ କରାଯାଉଥିବା କାର୍ଯ୍ୟଗୁଡ଼ିକରେ ପ୍ରଥମେ ସୂଚନା ଫଳକ ଲଗାଯିବାକୁ ନିୟମ ଥିବା ବେଳେ ବହୁ ଜାଗାରେ ସୂଚନା ଫଳକ ଲାଗୁ ନ ଥିବା ଅଭିଯୋଗ ଆସିଥିଲା । ଜନଶୁଣାଣି ଶିବିରକୁ ଜିପିଓ ସତ୍ୟ ନାରାୟଣ ଦାସ ପରିଚାଳନା କରିଥିଲେ। କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇ, ଲୋକପାଳ ସୁନାକର ପାଲ, ଏଡିଏମ୍ ମହେଶ୍ୱର ନାୟକ, ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଅଧିକାରୀମାନେ ଶୁଣାଣି କରୁଛନ୍ତି।

# କାଠ ଚୋରା ଚାଲାଣ ବେଳେ ଚଢ଼ାଉ,ଜଣେ ଗିରଫ

ଜୟପୁର,୨୫।୩ (ନି.ପ୍ର.)

ଚୋରାରେ କାଠ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି । ସେ ହେଲେ ଫାମ୍ପୁଣିର ଆନନ୍ଦ ବିଶ୍ୱାଳ । ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଫାମ୍ପୁଣି ପଟୁ ଆସୁଥିବା ଏକ ଟାଟା ୨୦୭ ପିକଅପ୍ ଭ୍ୟାନ ଚାଳକ ପୋଲିସକୁ ଦେଖି ଗାଡି ରଖି ଫେରାର ହୋଇ ଯାଉଥିଲେ। ପୋଲିସ ତାଙ୍କ ପିଛା କରି ଗାଡିକୁ ଭୁତନାଥ ମନ୍ଦିର ନିକଟରେ ଅଟକାଇ ଯାଞ୍ଚ କରିଥିଲା। ଗାଡିରୁ ପୋଲିସ ୭୦ ଖଣ୍ଡ ସାଇଜ୍ ଶାଳକାଠ ଜବତ କରିଛି। ବିନା ଲାଇସେନ୍ସରେ କାଠ ଚାଲାଣ କରୁଥିବା ଜଣାପଡିବା ପରେ ଆନନ୍ଦଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କାଠ ଓ ପିକ ଅପ୍ ଭ୍ୟାନକୁ ଜବତ କରାଯାଇଥିବା ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।



ଜବତ କାଠ ଓ ଗିରଫ ଅଭିଯୁକ୍ତ।

# ୫ଟି-ବିଦ୍ୟାଳୟ କାର୍ଯ୍ୟ ତଦାରଖ କଲେ ବିଡ଼ିଓ

ଚିତ୍ରକୋଣ୍ଡା,୨୫।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ଏସ୍‌ଏସ୍‌ଡି ବିଦ୍ୟାଳୟରେ ଆଗେଇ ଚାଲଥିବା ୫-ଟି କାର୍ଯ୍ୟକୁ ଶନିବାର ବିଡିଓ ରଘୁନାଥ ମୁଣ୍ଡାରୀ ତଦାରଖ କରିଛନ୍ତି। ଏହି ବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହେବା ପରେ ବିଦ୍ୟାଳୟରେ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। । ଆଜି ବିଡ଼ିଓ ମୁଣ୍ଡାରୀ କାର୍ଯ୍ୟ ତଦାରଖ ସହ ବିଦ୍ୟାଳୟ ପରିଦର୍ଶନ କରି ହୋଇଥିବା କାର୍ଯ୍ୟ ବୁଲି ଦେଖିଥିଲେ। ଏହି ସମୟରେ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଏବଂ ସାମାଜିକ କର୍ମୀ ଦେବେନ୍ଦ୍ର ଦାଶ ଉପସ୍ଥିତ ଥିଲେ ।



# ସବୁ ବର୍ଗଙ୍କୁ ସାମିଲ କରିବାକୁ ପ୍ରଶାସନର ନିଷ୍ପତ୍ତି

କୋରାପୁଟ,୨୫।୩(ସ୍ୱ.ପ୍ର.)

ସବୁ ବର୍ଗକୁ ସାମିଲକରି ଆସନ୍ତା ଓଡ଼ିଶା ଦିବସ ପାଳନ ହେବ। ଏନେଇ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି । ଜିଲା ପ୍ରଶାସନ ଓ ଜିଲା ସ୍ମାରକୀ କମିଟିର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ବସିଥିବା ବୈଠକରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଦିବସ ମହା ଆଡମ୍ବର ସହ ପାଳନ କରିବାକୁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏପ୍ରିଲ ପହିଲାରେ ପ୍ରାତଃ ୫ଟାରେ ଉତ୍କଳ ବନ୍ଦନା ସଙ୍ଗୀତ ଗାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେହିପରି ଜିଲାର ସମସ୍ତ ବ୍ଲକ, ତହସିଲ, ପଞ୍ଚାୟତ ଓ ଅନ୍ୟାନ୍ୟ

**ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି**

କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। କୋରାପୁଟ ଏସ୍‌ପିଙ୍କ ବାସଭବନ ନିକଟରେ ଥିବା ପାର୍କରେ ଓଡ଼ିଶାର ବରପୁତ୍ର ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅଗ୍ରଦୂତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା । କୋରାପୁଟ ଜିଲାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ନେଇ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଅନୁରୋଧ କରାଯିବାକୁ ସ୍ଥିର ହୋଇଥିଲା। ଓଡ଼ିଶା ଦିବସ ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତା, ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ବିଦ୍ୟାଳୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଉତ୍କଳ କେଶରୀ ଦାସ, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀଶିକ୍ଷକ,ସ୍ମାରକୀ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ପରିଚାଳନା କରିଥିଲେ ।

## ସଂକ୍ଷେପରେ

### କାର୍-ବାଇକ୍ ମୁହାଁମୁହିଁ, ୨ ଗୁରୁତର



ପାପଡାହାଣ୍ଡି/ମୈଦଲପୁର,୨୫।୩ (ଡି.ଏନ.ଏ.)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ଥାନା ଅନ୍ତର୍ଗତ ୨୬ ନଂ ଜାତୀୟ ରାଜପଥ ଦେଇ ଯାଇଥିବା ଆମପାଣି ଘାଟିରେ ଭାଲୁଝର ନିକଟରେ କାର ଓ ବାଇକ ମୁହାଁମୁହିଁ ହୋଇଥିଲା ଏଥିରେ ବାଇକ ଆରୋହୀ ୨ ସାଙ୍ଗ ଧନୁର୍ଯ୍ୟାୟ୍ ଚଲାଣ ଓ ଭାଗିରଥି ଗୌଡ଼ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାପ୍ରକାରେ ଦୁଇ ସାଙ୍ଗ ବାଇକ (ଓଡି ୦୮ ଏମ୍ ୬୮୪୩ )ରେ ଆମପାଣି ଯାଇ ନିଜ ଘରକୁ ଫେରିବା ସମୟରେ ଭାଲୁଝର ନିକଟରେ ବିପରୀତ ଦିଗରୁ ଆସୁଥିବା କାର (ଓଡ଼ି ୦୨ଇ ୬୭୦୪ ) ସହିତ ଧକ୍କା ହୋଇଥିଲେ। ଫଳରେ ଉଭୟେ ବାଇକରୁ ଖସି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଡାକ୍ତରଖାନାକୁ ଆଣିଥିଲେ।

### ମାଣ୍ଡିଆ ଚାଷ ନେଇ ୨ ଦିନିଆ ତାଲିମ

ଡାବୁଗାଁ, ୨୫।୩ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ କୃଷି,ସୂଚନା ଓ ପରାମର୍ଶ କେନ୍ଦ୍ରରେ ୨ ଦିନିଆ ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଡାବୁଗାଁ ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ। ବ୍ଲକର ୬ ପଞ୍ଚାୟତରୁ ୨୦ ଜଣ ଚାଷୀ ସାମିଲ ହୋଇ ମାଣ୍ଡିଆ ଓ କ୍ଷୁଦ୍ର ଶସ୍ୟ ଚାଷ ସମ୍ବନ୍ଧରେ ତାଲିମ ନେଇଥିଲେ। ଓଡ଼ିଶା ମିଲେଟ ମିଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କୃଷି ଅଧିକାରୀ ବୁଝାଇଥିଲେ। ଆଗାମୀ ଦିନରେ ଏସ୍‌ଏମ୍, ଏଲଟି, ଏଲ୍‌ଏସ୍ ମାଧମରେ କ୍ଷୁଦ୍ର ଶସ୍ୟ ଚାଷ କରି ଜୈବିକ ସାର ପ୍ରୟୋଗ କରି ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ତାଲିମ ଦିଆଯାଇଛି। ଏଥିରେ ଡିଏ ସଂସ୍ଥା ନିର୍ଦ୍ଦେଶକ ସୁଶାନ୍ତ ଗରଡ଼ା, ଓଡିଶା ମିଲେଟ ମିଶନ ସହସଂଯୋଜକା ସସ୍ମିତା ବଳବନ୍ତରାୟ, ମାଣ୍ଡିଆ ଚାଷର ସମସ୍ତ ସହଯୋଗକାରୀ ସିଆରପି, ଅଗ୍ରଣୀ ଚାଷୀ ଓ ହେମୋକ୍ରାଟିକ ସଂସ୍ଥାର ସମସ୍ତ ସଭ୍ୟମାନେ ଉପସ୍ଥିତ ଥିଲେ।

# ରେଳ ଡିଭିଜନ ପାଇଁ କୋଇଲାପଡ଼ା ବସ୍ତି ଉଚ୍ଛେଦ

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର),୨୫।୩

ରାୟଗଡ଼ାରେ ରେଳ ଡିଭିଜନ ନିର୍ମାଣ ଓ ରେଳ ଲାଇନ ସମ୍ପ୍ରସାରଣ ପାଇଁ ରେଲୱେ ବିଭାଗ ପକ୍ଷରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଶନିବାର ରୟତ କଲୋନୀ ନିକଟସ୍ଥ କୋଇଲାପଡ଼ା ବସ୍ତି ଉଚ୍ଛେଦ କରାଯାଇଛି। ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ରେଲୱେ ବିଭାଗ କୋଇଲାପଡ଼ାରେ ଥିବା ୧୨୬ ଘରକୁ ଉଚ୍ଛେଦ କରିବା ସହିତ ଗୋଷ୍ଠୀଗୃହ, ପୂଜାସ୍ଥଳୀ ଆଦି ଜେସିବ ଦ୍ୱାରା ଭଙ୍ଗା ଯାଇଛି। ଜରଦଖଲରୁ ହଟିଯିବା ପାଇଁ ପୂର୍ବରୁ ବାରମ୍ବାର ରେଲୱେ ପକ୍ଷରୁ ବସ୍ତିବାସିନ୍ଦାଙ୍କୁ ନୋଟିସ ଦିଆଯାଇଥିଲା । ହେଲେ ରାଜ୍ୟ ସରକାର ପୌରାଞ୍ଚଳ ମଧ୍ୟରେ ସ୍ଥାନ ନିରୂପଣ କରି ନ ଦେବାରୁ ବସ୍ତିବାସିନ୍ଦା ସେଠାରୁ ଯାଇ ନ ଥିଲେ। ଜବରଦଖଲକାରୀ ସ୍ଥାନ ଖାଲି କରୁ ନ ଥିବାରୁ ରେଲୱେ ଡିଭିଜନ ନିର୍ମାଣ କାର୍ଯ୍ୟ ଏକ ପ୍ରକାର ବନ୍ଦ ରହିଥିଲା । ତେଣୁ ବାଧ୍ୟ ହୋଇ ବସ୍ତି ଉଚ୍ଛେଦ କରାଗଲା ବୋଲି ରେଲୱେ ୱାଲଟିୟର ଡିଭିଜନ ସହକାରୀ ଯନ୍ତ୍ରୀ ସଞ୍ଜୀବ ଦୀକ୍ଷିତ କହିଛନ୍ତି। ଏହାପରେ ପର୍ଯ୍ୟାୟକ୍ରମେ ଜବରଦଖଲରେ ରହିଥିବା ରେଲୱେ ଜମିକୁ ଉଚ୍ଛେଦ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଜେସିବି ଦ୍ୱାରା କୋଇଲାପଡ଼ା ବସ୍ତି ଉଚ୍ଛେଦ କରୁଛି ରେଲୱେ

ରେଲୱେର ମୋଟ ୧୦୯୩ ଏକର ଜମିରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସହକାରୀ ଯନ୍ତ୍ରୀ ଦୀକ୍ଷିତ ସୂଚନା ଦେଇଛନ୍ତି । ରେଳ ଡିଭିଜନ ଓ କାର୍ଯ୍ୟାଳୟ ସହ ରାୟଗଡ଼ାରେ ତୃତୀୟ ରେଳଧାରଣା ଏବଂ ୪ଟି ନୂତନ ପ୍ଲାଟଫର୍ମ ନିର୍ମାଣ ପାଇଁ ଜମିର ଆବଶ୍ୟକତା ରହିଛି। ତେଣୁ ଉଚ୍ଛେଦ କରାଯାଇଛି। ଅନ୍ୟପଟେ ବସ୍ତିବାସିନ୍ଦା

### ପୂର୍ବରୁ ନୋଟିସ ଦେଇଥିଲା ରେଲୱେ ବିଭାଗ

କହିଛନ୍ତି, ଦୀର୍ଘ ୩୦ବର୍ଷରୁ ଅଧିକ ସମୟ ଧରି ସେମାନେ ସେଠାରେ ରହି ଆସୁଥିଲେ। ସମସ୍ତେ ଦିନ ମଜୁରିଆ ଓ ଗରିବ ଶ୍ରେଣୀର। ରାଜ୍ୟ ସରକାର ଥଇଥାନ ପାଇଁ କୌଣସି ସୁବିଧା ନ କରି ନ ଥିବାରୁ ଏବେ ହନ୍ତସନ୍ତ ହେବୁ ବୋଲି କହିଛନ୍ତି । ବସ୍ତିବାସିନ୍ଦାଙ୍କର କିଛି ଅସୁବିଧା ହେଲେ ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଉଚ୍ଛେଦ ବେଳେ ସେଠାରେ ଉପସ୍ଥିତ ଥିବା ଭାଜପା କାଉନସିଲର ମଞ୍ଜୁଳା ମିଣିଆକା କହିଛନ୍ତି। ଜିଲା ପ୍ରଶାସନ ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ କୌଣସି ସୁବିଧା ନ କଲେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। କୋଇଲାପଡ଼ା ବସ୍ତି ଉଚ୍ଛେଦ ସମୟରେ ସେ ପ୍ରଶାସନିକ ଅଧିକାରୀଙ୍କୁ ଫୋନ୍ କରି ଅସନ୍ତୋଷ ଜଣାଇଥିଲେ ।

# ଉପାଡ଼ି ଦେଲେ ଜାଗା ମିଶନ ହୋର୍ଡ଼ିଂ

ରାୟଗଡା, ୨୫।୩(ସ୍ୱ.ପ୍ର.):



ଜାଗା ମିଶନ ହୋର୍ଡ଼ିଂକୁ ଉପାଡ଼ି ଦିଆଯାଇଛି।

ରାୟଗଡା ଠାରେ ରେଲୱେ ଡିଭିଜନ କାର୍ଯ୍ୟାଳୟ ପାଇଁ ରେଲୱେ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ କୋଇଲାପଡ଼ା ବସ୍ତି ଉଚ୍ଛେଦ ହୋଇଛି। ଶନିବାର ଏହି ଉଚ୍ଛେଦ ସମୟରେ ସେଠାରେ ରାଜ୍ୟ ସରକାରଙ୍କ ଜାଗା ମିଶନର ଏକ ହୋର୍ଡିଂକୁ ଜେସିବି ମାଧ୍ୟମରେ ଉପାଡ଼ି ଫିଙ୍ଗି ଦିଆଯାଇଛି। ଉକ୍ତ ହୋର୍ଡିଂରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଛବି ରହିଥିବା ଦେଖିବାକୁ ମିଳିଛି। ରେଳବାଇ ବରିଷ୍ଠ ଅଧିକାରୀ ଓ ଆରପିଏଫ ଅଧିକାରୀଙ୍କ ଉପସ୍ଥିତିରେ ଏଭଳି କରାଯାଇଥିବାରୁ ସାଧାରଣରେ ନିନ୍ଦା କରାଯାଇଛି। ଜେସିବି ଦ୍ୱାରା ନ ଉପାଡ଼ି ହୋର୍ଡିଂକୁ ସମ୍ମାନର ସହ କାଢ଼ି ଦିଆଯିବାର ଥିଲା ବୋଲି ବରିଷ୍ଠ ନାଗରିକମାନେ କହିଛନ୍ତି। ଏପଟେ ପ୍ରତି କଥାରେ ନବୀନଙ୍କ ନାମ ନେଉଥିବା ବିଜେଡି ମନ୍ତ୍ରୀ ଓ ନେତାମାନେ ଏହାକୁ ନେଇ ଚୁପ୍ ରହିଛନ୍ତି। କେହି ଏହି ଘଟଣାକୁ ନେଇ ଖୋଲୁ ନ ଥିବା ବେଳେ କୋଇଲାପଡ଼ା ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ ମଧ କୌଣସି ବ୍ୟବସ୍ଥା କରିନାହାନ୍ତି।

# ଜୁଗାପଦରରେ ସ୍ୱାସ୍ଥ୍ୟ ଶିବିର




ଜଣେ ମହିଳା ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି।

ଚନ୍ଦ୍ରପୁର,୨୫।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ଜୁଗାପଦର ଗ୍ରାମରେ ଶନିବାର ଓଡିଶା ବନ ଉନୟନ ନିଗମ ମୁନିଗୁଡା ବାଣିଜ୍ୟିକ ଖଣ୍ଡ ତରଫରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡାଙ୍ଗସୋରଡା ସରପଞ୍ଚ ଅନିତା ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ଏଥିରେ ଯୁଗାପଦର, ନାଉଡୁଗୁଡା ଗ୍ରାମର ୮୦ ଜଣ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ନେଇଥିଲେ। ସେହିପରି ବନ ନିଗମ ତରଫରୁ ନାଉଡୁଗୁଡା ପ୍ରାଥମିକ ବିଦ୍ୟାଳୟରେ ସମସ୍ତ ୨୫ ଛାତ୍ରୀଛାତ୍ରଙ୍କ ଲାଗି ସ୍କୁଲବ୍ୟାଗ, ପେନ, ପେନ୍‌ସିଲ, ଜୋତା, ଟେବୁଲ, ଚେୟାର, ଫିଲଟର ଆଦି ପ୍ରଦାନ କରାଯାଇଥିଲା। ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଅନିତା ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବନ ନିଗମର ଡିଭିଜିନାଲ ମ୍ୟାନେଜେର ନଳିନୀକାନ୍ତ ଜୟ ସିଂ, ଡେପୁଟି ମ୍ୟାନେଜର ସବ୍ୟସାଚୀ ରାୟ, ଶିକ୍ଷକ ହରେକ୍ରିଷ୍ଣା ବ୍ରହ୍ମା, ଶିକ୍ଷୟିତ୍ରୀ ଶାନ୍ତିଲତା ଶବର, ସାମାଜିକ କର୍ମୀ ବିଜୟ ପ୍ରସାଦ ଉଲାକା, ପ୍ରମୋଦ ସାହୁକାର, ଜୟରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ଅବିନାଶ ବେହେରା, ଫାର୍ମାସିଷ୍ଟ ସନ୍ତୋଷ ମିଶ୍ର, ପ୍ରଭାକର ଲାବଲା, ଅଂକୁର ଦାସ, ରଘୁନାଥ ମିଶ୍ର, ଭଗବାନ ଗନ୍ତାୟତ ପ୍ରମୁଖ ସହଯୋଗ କରିଥିଲେ।

# ଗାଁ ରାସ୍ତା ମରାମତି କଲେ ପିଲା

ନନ୍ଦାହାଣ୍ଡି,୨୫।୩,(ଡି.ଏନ୍.ଏ.)

ଶିଶୁମାନେ ଦେଶର ଭବିଷ୍ୟତ। ସେମାନେ ପାଠପଢ଼ି ଭବିଷ୍ୟତରେ ଡାକ୍ତର, ଇଞ୍ଜିନିୟର କିମ୍ବା ନେତା ମନ୍ତ୍ରୀ ହୋଇ ସମାଜ ସେବା କରି ଦେଶକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ। ତେବେ କିଶୋର ବୟସରୁ ଗାଁ ସମସ୍ୟା ସମାଧାନ କରିବାକୁ ଅଣ୍ଟା ଭିଡି ପ୍ରଶଂସା ସାଉଁଟିଛନ୍ତି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡା ଗ୍ରାମର ପିଲାମାନେ। ସେମାନେ ନିଜେ ପରିଶ୍ରମ କରି ଗାଁ ରାସ୍ତା ମରାମତି କରିଛନ୍ତି। ଯାହା ପ୍ରଶାସନ କି ରାଜନେତା କାହାଦ୍ୱାରା ବି ହୋଇ ପାରୁ ନ ଥିଲା ତାହାକୁ ପିଲାମାନେ କରି ଦେଖାଇଛନ୍ତି।

ପଡାଲଗୁଡା ଗ୍ରାମରେ ଅନେକ ପ୍ରକାର ସମସ୍ୟା ରହିଛି। ସେଥିମଧ୍ୟରୁ ରାସ୍ତା ସମସ୍ୟା ସମାଧାନ ପାଇଁ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଯାଇଥିଲା।ସାମାନ୍ୟ



ପିଲାମାନେ ଗାଁ ରାସ୍ତା ମରାମତି କରୁଛନ୍ତି ।

ବର୍ଷା ହେଲେ ପଡାଲଗୁଡା ପଞ୍ଚାୟତର ବାଘସିୟୁନି ଯିବା ରାସ୍ତା ପାଣି କାଦୁଅ ହୋଇଯାଉଥିଲା। ଡ୍ରେନ ସୁବିଧା ନ ଥିବାରୁ ଘରର ଅଳିଆ ପାଣି ହେଉ କି ବର୍ଷା ପାଣି ରାସ୍ତାରେ ଜମି ରହୁଥିଲା। ଗତ କିଛି ଦିନ ଧରି ହୋଇଥିବା ବର୍ଷାରେ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ତେଣୁ ଗ୍ରାମର କେତେଜଣ ଛୋଟ ପିଲା ମିଶି ଖାଲ ସ୍ଥାନରେ ମାଟି ପକାଇ ସମତୁଲ କରିଛନ୍ତି । ଆଗାମୀ ଦିନରେ ଗାଁର ଅନ୍ୟ ସମସ୍ୟା ଗୁଡିକର ସମାଧାନ ଆମେ ନିଜେ କରିବୁ ବୋଲି ସେମାନେ କହିଛନ୍ତି। ପ୍ରଶାସନ ସମସ୍ୟାର ସମାଧାନ କରିବାରେ ଆଗ୍ରହ ପ୍ରକାଶ କରିନଥିବା ବେଳେ ଛୋଟ ପିଲା କାମ କରି ଦେଖାଇଥିବାରୁ ଅଞ୍ଚଳରେ ପ୍ରଶଂସା ସାଉଁଟୁଛନ୍ତି ।

# କୁକୁଡ଼ା ଗାଲିରେ ଚଢ଼ାଉ, ୩ ଗିରଫ

ତେନ୍ତୁଳିଖୁଣ୍ଟି,୨୫।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପୋଲିସ ଶନିବାର କୁକୁଡ଼ା ଗାଲି ହେଉଥିବା ଖବରପାଇ ଚଢ଼ାଉ କରିଥିଲା। କୁକୁଡ଼ାଗାଲି କରୁଥିବା ବ୍ୟକ୍ତି କୁକୁଡ଼ା ଧରି ଫେରାର ହୋଇଯାଇଥିବା ବେଳେ ସେଠାରେ ଗୁଡ଼ଗୁଡୁ ପାଲି ଖେଳ ଚଳାଇଥିବା ୩ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବରଗାଁର ନେତ୍ରକାନ୍ତ ବାଘ, ମେଣ୍ଟରିର ଦିବାକର ସାହୁ ଓ ଖାତିଗୁଡାର ତ୍ରିନାଥ ହରିଜନ। ସେମାନଙ୍କ ନିକଟରୁ ୨୧୦୦ ଟଙ୍କା, ୫ଟି ଗୋଟି, ୩ଟି ରସିଦ ଜବତ କରିଛି। ଏ ନେଇ ନଂ. ୬୪/୨୩ରେ ମାମଲା ରୁଜୁ ହୋଇଛି। ଆଇଆଇସି ଟଙ୍କଗିରି ଭୋଇଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

# ଚାଷୀ ଏକତା ପରିଷଦର ବୈଠକ



ଏକାଠି ହୋଇଥିବା ଚାଷୀ ଓ ଏକତା ପରିଷଦର କାର୍ଯ୍ୟକର୍ତ୍ତା।

ଟିକିରି,୨୫।୩(ଡି.ଏନ.ଏ.)

କାଶୀପୁର ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତରେ ଚାଷୀ ଏକତା ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହେଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଚାଷୀ ଯୋଗଦେଇଥିଲେ। ଚାଷ କାର୍ଯ୍ୟରେ ସେମାନଙ୍କୁ ବିଭିନ୍ନ ମୌଳିକ ସୁବିଧା ମିଳୁ ନଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଚାଷୀଙ୍କ ପାଇଁ ସରକାର ମାଳ ମାଳ ଯୋଜନା କରୁଥିବା ବେଳେ ସେମାନେ ଏହାର ସୁବିଧା ପାଉ ନ ଥିବା ଅଭିଯୋଗ କରାଯାଇଥିଲା। କୋଟି କୋଟି ଟଙ୍କାରେ ଚେକଡ୍ୟାମ ନିର୍ମାଣ ହେଉଛି। ହେଲେ ଏହା ଚାଷୀଙ୍କ କୌଣସି କାମରେ ଆସୁନାହିଁ। ଆଗାମୀ ଦିନରେ ଏ ସବୁ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚାଷୀ ଏକତା ପରିଷଦ ଜିଲ୍ଲା ସଭାପତି ପ୍ରତାପ ପୁଆଲା ଚେତାବନୀ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏକତା ପରିଷଦର ଜିଲା ଉପସଭାପତି ହର ମାଝୀ, ଟାଉନ ଉପସଭାପତି ନିରଞ୍ଜନ ବିଡ଼ିକା, ମନୋଜ ସିଂଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ।

# ଗଳିତ ମୃତଦେହ ଜବତ

ବିଷମ କଟକ/ଦୁର୍ଗୀ,୨୫।୩(ଡି.ଏନ୍.ଏ.)

ରାୟଗଡା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଦୁର୍ଗୀ ଗ୍ରାମର ଏକ ନିଳଗିରି ବଗିଚା ମଧ୍ୟରୁ ଶନିବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଠାବ କରାଯାଇଛି । ମୃତକଙ୍କ କୌଣସି ପରିଚୟ ମିଳି ନ ଥିବା ବେଳେ କିଭଳି ତାଙ୍କର ମୃତ୍ୟୁ ହୋଇଛି ତାହା ମଧ ଅସ୍ପଷ୍ଟ ରହିଛି ।

ମୃତଦେହ ପଡିଥିବା ସଂକ୍ରାନ୍ତରେ ଗ୍ରାମବାସୀ ବିଷମକଟକ ଥାନାକୁ ଜଣାଇଥିଲେ। ବିଷମକଟକ ଏସଡିପିଓ ଆକାଶ କୁମାର ସାହୁ, ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ଏବଂ ଏଏସଆଇ ପ୍ରଶନ୍ନ ନାୟକ ସେଠାରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ବ୍ୟକ୍ତି ଜଣକ ଧଳା ସାର୍ଟ ଓ ଏକ ଫୁଲପ୍ୟାଣ୍ଟ ପିନ୍ଧିଛନ୍ତି । ପ୍ରାୟ ଦଶ ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ଦୁର୍ଗୀ ଏବଂ ଆଖପାଖ ଅଞ୍ଚଳରେ କୌଣସି ଲୋକ ନିଖୋଜ ଥିଲେ ମୃତଦେହ ଚିହ୍ନଟ କରିବା ପାଇଁ ଗାଁ ଗୁଡିକୁ ଖବର ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ମୃତକଙ୍କ ପରିଚୟ ମିଳିଲେ ସେ କେମିତି ଏଠାକୁ ଆସିଲେ, ତାଙ୍କର ମୃତ୍ୟୁ ସ୍ୱାଭାବିକ ନାଁ ହତ୍ୟାକରି ଫିଙ୍ଗିଦିଆଯାଇଛି ତାହା ସ୍ପଷ୍ଟ ହୋଇପାରିବ ବୋଲି ଏସଡିପିଓ ଆକାଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

# ସରିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

## ଦେବୀ ପଟ୍ଟନାୟକ ସଭାପତି, ପଦ୍ମନାଭ ଦାସ ଉପସଭାପତି

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର),୨୫।୩

ରାୟଗଡ଼ା ବାର ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେ ୬୯ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆଇନଜୀବୀ ଉମାକାନ୍ତ ମିଶ୍ର ୫୧ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ପଦବୀରେ ପଦ୍ମନାଭ ଦାସ ବଜୟୀ ହୋଇଛନ୍ତି। ପଦ୍ମନାଭ ୮୨ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁରେନ୍ଦ୍ର ଶର୍ମା ୬୨ ଖଣ୍ଡ ଭୋଟ ପାଇଛନ୍ତି। ବିଶ୍ୱନାଥ ଗନ୍ତାୟତ ୯୫ଖଣ୍ଡ ଭୋଟ ପାଇ ସମ୍ପାଦକ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମେଘନାଦ ନାୟକ ୫୫ ଖଣ୍ଡ ଭୋଟ ପାଇଥିଲେ । ସହ ସମ୍ପାଦକ ପଦବୀ ଲାଗି ହୋଇଥିବା ନିର୍ବାଚନରେ ପଲ୍ଲି ରାମକ୍ରିଷ୍ଣା ୮୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏହି ପଦବୀରେ ଗୁରୁ ପ୍ରସାଦ ସାହୁ ୬୨ଖଣ୍ଡ ଭୋଟ ପାଇଥିଲେ। ସେହିପରି କୋଷାଧ୍ୟକ୍ଷ ଭାବେ ଦମୟନ୍ତି ମହାନନ୍ଦିଆ ନିର୍ବାଚିତ ହୋଇଛନ୍ତି। ସେ ୮୮ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମାନସ ରଞ୍ଜନ ରଥ ୬୦ଖଣ୍ଡ ଭୋଟ ପାଇଥିଲେ। ଆଇନଜୀବୀ ରାଜେନ୍ଦ୍ର ସେନାପତି ନିର୍ବାଚନ ଅଧିକାରୀ ରହି ମତଦା ଓ ଭୋଟ ଗଣତି ପ୍ରକ୍ରିୟା ତଦାରଖ କରିଥଲେ। ଆଇନଜୀବୀ ଅରୁଣ ପାଣିଗ୍ରାହୀ, ରମେଶ କୁମାର ପାଢ଼ୀ ଓ ୱାଇ.ଶ୍ରୀହରି ଉପନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ। ମୋଟ ୧୫୪ ଜଣ ମତଦାନ କରିଥିବା ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି ।



ନବ ନିର୍ବାଚିତ ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ ଓ କୋଷାଧକ୍ଷ।

### ରାୟଗଡ଼ା ବାର ଆସୋସିଏଶନ ନିର୍ବାଚନ

## ଗୁଣପୁରରେ ଉମାଚରଣ ସଭାପତି, ବିଷ୍ଣୁ ସମ୍ପାଦକ

ଗୁଣପୁର,୨୫।୩(ଡି.ଏନ.ଏ.)

ରାୟଗଡା ଜିଲା ଗୁଣପୁର ଓକିଲ ସଂଘ ନିର୍ବାଚନ ଶନିବାର ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। ସଂଘ ସଭାପତିଭାବେ ଉମାଚରଣ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦେବୀ ପ୍ରସାଦ ଆଚାର୍ଯ୍ୟ ୫ ଖଣ୍ଡ କମ୍ ଭୋଟ ପାଇଛନ୍ତି। ସେହିପରି ଉପସଭାପତି ପଦବୀରେ ରମେଶ ଚନ୍ଦ୍ର ଲିମାଙ୍କୁ ପଛରେ ପକାଇ ଗଣେଶ ସାହୁ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ ବିଷ୍ଣୁ ପାଢୀ ବିଜୟ ଲାଭ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ଆର. ଡି. ମିଶ୍ର ନିର୍ବାଚିତ ହୋଇଛନ୍ତି। କୋଷାଧ୍ୟକ୍ଷ ପଦବୀ ପାଇଁ କୈଳାଶ ଶବର ଜଣେ ମାତ୍ର ନାମାଙ୍କନପତ୍ର ଦାଖଲ କରିଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ମୋଟ ୭୫ ଜଣ ଓକିଲ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ । ନିର୍ବାଚନ ଅଧିକାରୀ ଭାବେ ଅକ୍ଷୟ କୁମାର ଶତପଥୀ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ ।



ନବ ନିର୍ବାଚିତ ସଂଘ କର୍ମକର୍ତ୍ତା।

## ନବରଙ୍ଗପୁର: ତୃତୀୟଥର ସଭାପତି ହେଲେ ନରସିଂହ

ନବରଙ୍ଗପୁର,୨୬।୩ (ବି.ପ୍ର.)

ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ନିର୍ବାଚନ ଶନିବାର ସରିଛି। ଆଇନଜୀବୀ ନରସିଂହ ନାଥ ତ୍ରିପାଠୀ ତୃତୀୟ ଥର ପାଇଁ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ୪୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି । ସେହିପରି ଉପସଭାପତି ଭାବେ ହରି ନାରାୟଣ ବେହେରା, ସମ୍ପାଦକ ଭାବେ ତପନ କୁମାର ସିଂ, ଯୁଗ୍ମ ସମ୍ପାଦକ ରୂପେ ସନ୍ଦୀପ ମିଶ୍ର, କୋଷାଧ୍ୟକ୍ଷ ରୂପେ ଅନିଲ ଜ୍ୟୋତି ଚନ୍ଦ୍ର ଦୀନବନ୍ଧୁ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦିନେଶ ରାଜ କର୍କରା , ପ୍ରଶାନ୍ତ କୁମାର ପଟ୍ଟନାୟକ, ସତିଶ ଚନ୍ଦ୍ର ନାୟକ ଏବଂ ତପନ କୁମାର ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ଶନିବାର ସକାଳ ୮ଟାରୁ ଅପରାହ୍ନ ୩ ପର୍ଯ୍ୟନ୍ତ ଜିଲା ଅଦାଲତ ପରିସରରେ ଥିବା ବାର ରୁମରେ ଭୋଟ ଗ୍ରହଣ କରାଯାଇଥିଲା। ମୋଟ ୧୮୩ ଜଣ ଆଇନଜୀବୀ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଅପରାହ୍ନ ୪ ଟାରୁ ଭୋଟ ଗଣତି କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ସି ଏଚ ବାବା ଯୁଗନ୍ଧର (ମୁରଲୀ), ସହକାରୀ ନିର୍ବାଚନ ଅଧିକାରୀ ରୂପେ ଆଇନଜୀବୀ କିଶୋର ପଟ୍ଟନାୟକ ଏବଂ ଇମ୍ରାନ ସାରିଫ ଦାୟିତ୍ୱ ତୁଲାଇ ଥିଲେ।



ଜିଲା ଆଇନଜୀବୀ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

## ଉମରକୋଟ: ପ୍ରଶାନ୍ତ ସଭାପତି, ଶାନ୍ତନୁ ସମ୍ପାଦକ

ଉମରକୋଟ,୨୫।୩(ଡି.ଏନ୍.ଏ.)



ପ୍ରଶାନ୍ତ କୁମାର ସାହୁ



ଶାନ୍ତନୁ କୁମାର ବାହିନୀପତି

ନବରଙ୍ଗପୁର ଜିଲା ଉମରକୋଟ ଓକିଲ ସଂଘ ନିର୍ବାଚନ ଶନିବାର ସରିଛି। ସରକାରୀ ଓକିଲ ପ୍ରଶାନ୍ତ କୁମାର ସାହୁ ସଭାପତି ନିର୍ବାଚିତ ହୋଇଥିବା ବେଳେ ଶାନ୍ତନୁ କୁମାର ବାହିନୀପତି ସମ୍ପାଦକ ଭାବେ ଜିତିଛନ୍ତି। ସଭାପତିପଦବୀ ପାଇଁ ସମୁଦାୟ ୧୦୨ ଖଣ୍ଡ ଭୋଟ ପଡିଥିଲା। ସେଥିମଧ୍ୟରୁ ପ୍ରଶାନ୍ତ ୬୪ ଖଣ୍ଡ ଭୋଟ ଏବଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିପିନ ହିଆଲ ୩୫ ଖଣ୍ଡ ଭୋଟ ପାଇଛନ୍ତି ଏବଂ ୩ ଖଣ୍ଡ ଭୋଟ ନାକଚ ହୋଇଛି। ସେହିପରି ସମ୍ପାଦକ ପଦବୀରେ ଶାନ୍ତନୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାମକୃଷ୍ଣ ନାୟକଙ୍କଠାରୁ ୧୭ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ସମ୍ପାଦକ ପଦ ପାଇଁ ସମୁଦାୟ ୧୦୨ ଖଣ୍ଡ ଭୋଟ ପଡିଥିବା ବେଳେ ଶାନ୍ତନୁ ୫୯ ଖଣ୍ଡ, ରାମକୃଷ୍ଣ ୪୨ ଖଣ୍ଡ ଭୋଟ ପାଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଛି। ପୂର୍ବରୁ ଉପସଭାପତି ଭାବେ ଯୋଗିନ୍ଦର ମାଝୀ, ସହ ସଂପାଦକ ଭାବେ ନିବେଦିତା ହାଲଦାର ଓ କୋଷାଧ୍ୟକ୍ଷ ଭାବେ ଜିତେନ୍ଦ୍ର କୁମାର ମହାନ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଥିଲେ। ବରିଷ୍ଠ ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଇନଜୀବୀ ସନ୍ତୋଷ ସାହୁ ,ବାଳକୃଷ୍ଣ ପାତ୍ର ସହଯୋଗୀ ନିର୍ବାଚନ ଅଧିକାରୀ ଭାବେ ସହଯୋଗ କରିଥିଲେ। ଓକିଲ ସଂଘର ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଉଛି।

